# NATIONAL NEWS BULLETIN (ODIA)

**15 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୬ଟି ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କର ଆଜି ନାଗପୁର ଗ୍ରସ୍ତ ।
- ଆସନ୍ତା ୨ ଦିନ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେବେ ବୋଲି ଘୋଷଣା କଲେ ଅରବିନ୍ଦ କେଜରିୱାଲ ।
- ହାଇତିରେ ଏକ ଇନ୍ଧନ ଟ୍ୟାଙ୍କର ବିସ୍ଫୋରଣ ଘଟିବାରୁ ୧୬ଜଣଙ୍କର ମୃତ୍ୟୁ ।

ଏବଂ

- ସମଗ୍ର ଦେଶରେ ଆଜି ପାଳିତ ହେଉଛି ଇଞ୍ଜିନିୟର୍ସ ଦିବସ ।

---

## ପିଏମ୍-ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ଟି ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ରାଞ୍ଚି ବିମାନବନ୍ଦରଠାରେ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ଏହି ଟ୍ରେନ୍‌ଗୁଡ଼ିକର ଚଳାଚଳକୁ ଆରମ୍ଭ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ବ୍ରହ୍ମପୁର-ଟାଟାନଗର, ରାଉରକେଲା-ହାଓ୍ୱାଡ଼ା-ଟାଟାନଗର, ବାରଣାସୀ-ଦେଓଘର, ଟାଟାନଗର-ପାଟନା,

ହାଓ୍ୱଡ଼ା-ଧନବାଦ-ଗୟା, ହାଓ୍ୱଡ଼ା-ଡୁମ୍‌କା-ଭାଗଲପୁର ବନ୍ଦେଭାରତ ଟ୍ରେନ୍‌ର ରହିଛି । ପ୍ରବଳ ବର୍ଷା ଯୋଗୁଁ ରାଞ୍ଚି ବିମାନବନ୍ଦରରୁ ଜାମସେଦପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କର ହେଲିକପ୍ଟର ଯୋଗେ ଗସ୍ତ ସମ୍ଭବ ହୋଇପାରି ନଥିଲା । ଫଳରେ ରାଷ୍ଟ୍ରପତି ରାଞ୍ଚି ବିମାନବନ୍ଦରରେ ଭର୍ଚୁଆଲ ମାଧ୍ୟମରେ ଏହି ଟ୍ରେନ୍ ଗୁଡ଼ିକର ଚଳାଚଳର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଝାଡ଼ଖଣ୍ଡ ଏବଂ ଏହାର ପଡୋଶୀ ରାଜ୍ୟ ଗୁଡ଼ିକର ଆର୍ଥିକ ଏବଂ ସାଂସ୍କୃତିକ ଉନ୍ନତିରେ ଏହି ବନ୍ଦେଭାରତ ଟ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ । ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏହା ସହାୟତା ପ୍ରଦାନ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଝାଡ଼ଖଣ୍ଡର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଝାଡ଼ଖଣ୍ଡରେ ୬୬୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଛନ୍ତି । ପିଏମ୍ ଆବାସ ଗ୍ରାମୀଣ ଯୋଜନାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିଛନ୍ତି । ସେମାନଙ୍କ ବ୍ୟାଙ୍କ ଖାତାକୁ ୩୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି । ଏହାବ୍ୟତୀତ ଶ୍ରୀ ମୋଦୀ ୩୨ ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ଉପଭୋକ୍ତାଙ୍କୁ ପି.ଏମ୍. ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ୪୬ହଜାର ହିତାଧିକାରୀଙ୍କ ପାଇଁ ନୂତନ ନିର୍ମିତ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ୫ବର୍ଷ ମଧ୍ୟରେ ୨କୋଟି ଅତିରିକ୍ତ ଗୃହ ନିର୍ମାଣ କରାଯିବ । ଏହି ଯୋଜନାରେ ଆଦିବାସୀ, ଦିବ୍ୟାଙ୍ଗ, ପଛୁଆବର୍ଗ ଏବଂ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ । ପିଏମ୍ ଆବାସ ଯୋଜନା ଅଧୀନରେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଜାମସେଦପୁର ଗୋପାଳ ମଇଦାନଠାରେ ଆୟୋଜିତ ଜନସଭାରେ ଯୋଗଦେବାପାଇଁ ପ୍ରଧାନମନ୍ତ୍ରୀ ସଡ଼କପଥରେ ଗସ୍ତ କରିଛନ୍ତି ।

# ଉପରାଷ୍ଟ୍ରପତି ନାଗପୁର ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ନାଗପୁର ଗସ୍ତରେ ଯିବେ । ସେଠାରେ ରାମଦେଓବାବା ବିଶ୍ୱବିଦ୍ୟାଳୟ ଡିଜିଟାଲ ଟାୱାରକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ୧୨ମହଲା ବିଶିଷ୍ଟ ଏହି ଡିଜିଟାଲ ଟାୱାରରେ କମ୍ପ୍ୟୁଟର ବିଜ୍ଞାନ ଏବଂ ଆଧୁନିକ ବୈଷୟିକ କ୍ଷେତ୍ର ପାଇଁ ପ୍ରଯୁଜ୍ୟ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ସେଠାରେ ରହିଛି ।

# ସୁପ୍ରିମକୋର୍ଟ ଆର୍‌ଜିକର

ଆର୍‌ଜିକର ମେଡ଼ିକାଲ କଲେଜ ହସ୍ପିଟାଲ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣା ସମ୍ପର୍କିତ ମାମଲାର ସୁପ୍ରିମକୋର୍ଟ ଆସନ୍ତା ମଙ୍ଗଳବାର ଦିନ ଶୁଣାଣି କରିବେ । ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ନୂଆ ତଦନ୍ତ ରିପୋର୍ଟ ଉପରେ ବିଚାର କରିବେ । ସୂଚନାଯୋଗ୍ୟ ଗତ ସପ୍ତାହରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ଆସନ୍ତା ମଙ୍ଗଳବାର ଦିନ ସାନି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ ।

ସୂଚନାଯୋଗ୍ୟ ମେଡ଼ିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦିପ ଘୋଷଙ୍କୁ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ସିବିଆଇ ଗିରଫ କରିଛି । ଏହି ଘଟଣାରେ ତଥ୍ୟ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ତାଲାଥାନା ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ମଧ୍ୟ ଗିରଫ କରାଯାଇଛି । ଶ୍ରୀ ମଣ୍ଡଳଙ୍କୁ ସିବିଆଇ ୪ଘଣ୍ଟା ଧରି ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରିଥିଲା । ସୂଚନାଯୋଗ୍ୟ ପୂର୍ବରୁ ଆର୍ଥିକ ଦୁର୍ନୀତି ଅଭିଯୋଗରେ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କୁ ସିବିଆଇ ଗିରଫ କରିଥିଲା ।

# କେଜରିୱାଲ ରେଜିଗନେସନ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଆସନ୍ତା ୨ ଦିନ ମଧ୍ୟରେ ତାଙ୍କ ପଦବୀରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି । ଏହି ସମୟସୀମା ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟିର ବିଧାୟକ ତାଙ୍କର ନୂତନ ନେତା ନିର୍ବାଚନ କରିବେ ବୋଲି ସେ କହିଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନ ଆସନ୍ତାବର୍ଷ ଫେବୃୟାରୀ ପରିବର୍ତ୍ତେ ଆଗାମୀ ନଭେମ୍ବର ମାସରେ ମହାରାଷ୍ଟ୍ର ସହ ନିର୍ବାଚନ କରିବା ପାଇଁ ଦାବି କରିଛନ୍ତି । ଦିଲ୍ଲୀଠାରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି କହିଛନ୍ତି ଜନମତ ମିଳିଲେ ସେ ପୁଣିଥରେ ମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ କରିବେ । ସୂଚନାଯୋଗ୍ୟ ଗତ ଶୁକ୍ରବାର ଦିନ ସୁପ୍ରିମକୋର୍ଟ ଅବକାରୀ ଦୁର୍ନୀତି ମାମଲାରେ ଶ୍ରୀ କେଜରିୱାଲଙ୍କୁ ଜାମିନ ପ୍ରଦାନ କରିଥିଲେ ।

# ଗ୍ଲୋବାଲ ବାୟୋ ଇଣ୍ଡିଆ

ଗ୍ଲୋବାଲ ବାୟୋ ଇଣ୍ଡିଆ ୨୦୨୪ର ଚତୁର୍ଥ ସଂସ୍କରଣ ସଫଳତାର ସହ ଶେଷ ହୋଇଛି । ତିନିଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀରେ ବାୟୋଟେକ୍ ଅଭିନବତା, ବାୟୋଟେକ୍ ନିର୍ମାଣ ଏବଂ ବାୟୋ ଆର୍ଥିକ ପରିସ୍ଥିତି ଉପରେ ଏହାର ପ୍ରଭାବ ନେଇ ଆଲୋକପାତ କରାଯାଇଥିଲା । ବାୟୋଟେକ୍

କ୍ଷେତ୍ରରେ ଦେଶର ଷ୍ଟାର୍ଟଅପ୍ ଉଦ୍ୟୋଗ ଦ୍ୱାରା ପ୍ରସ୍ତୁତ ୧୧ଟି ଉତ୍ପାଦକୁ ଉନ୍ମୋଚନ କରାଯାଇଛି । ଏହା ବାୟୋ ବିଜ୍ଞାନ କ୍ଷେତ୍ରରେ ଦେଶର ଉଦୀୟମାନ ପ୍ରତିଭାକୁ ପ୍ରତିପାଦିତ କରିଛି । ସୂଚନାଯୋଗ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଗତ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା ।

## ହାଇତି ଏକ୍ସପୋଜର

ହାଇତିରେ ଏକ ଇନ୍ଧନ ଟ୍ୟାଙ୍କର ବିସ୍ଫୋରଣ ଘଟିବାରୁ ୧୬ଜଣଙ୍କର ମୃତ୍ୟୁ ହୋଇଛି । ୪୦ଜଣ ଆହତ ହୋଇଛନ୍ତି । ଚିକିତ୍ସାପାଇଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ କେତେଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି । ଆଞ୍ଚଳିକ ନାଗରିକ ସୁରକ୍ଷା କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ କାଲବାସିଏର ଅଞ୍ଚଳର ନିପେସ ଡିପାର୍ଟମେଣ୍ଟଠାରେ ଏହି ବିସ୍ଫୋରଣ ଘଟିଥିଲା । ଦୁର୍ଘଟଣାଗ୍ରସ୍ତ ଏକ ଇନ୍ଧନ ଟ୍ୟାଙ୍କରରୁ ବେଆଇନ୍ ଭାବେ ଇନ୍ଧନ ସଂଗ୍ରହ କରିବାକୁ ସ୍ଥାନୀୟ ଲୋକ ଚେଷ୍ଟା କରୁଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା । ହାଇତିର ପ୍ରଧାନମନ୍ତ୍ରୀ ଗ୍ୟାରୀ କୋନିଲ ସାମାଜିକ ଗଣମାଧ୍ୟମକୁ କହିଛନ୍ତି ନାଗରିକ ସୁରକ୍ଷା କର୍ତ୍ତୃପକ୍ଷ ଏବଂ ଜନସ୍ୱାସ୍ଥ୍ୟ ଟିମ୍ ଆହତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି ।

# ମିରଟ ବିଲ୍ଡିଂ କୋଲାପ୍ସ

ଉତ୍ତରପ୍ରଦେଶର ମିରଟ କୋଠା ଭୁଶୁଡିପଡିବା ଘଟଣାରେ  ମୃତ୍ୟୁସଂଖ୍ୟା ୧୦କୁ ବୃଦ୍ଧି ପାଇଛି । ଲୋହିଆନଗର ଅଞ୍ଚଳର ଜାକିର କଲୋନୀର ଏହି ତିନିମହଲା କୋଠାଟି ଗତକାଲି ସଂଧ୍ୟାରେ ଭୁଶୁଡି ପଡିଥିଲା । ମିରଟ ଜିଲ୍ଲା ମାଜିଷ୍ଟ୍ରେଟ୍ ଦୀପକ ମିନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି କୋଠିଟି ଭୁଶୁଡିବା ସମୟରେ ୧୫ ଜଣ ଲୋକ ତା' ଭିତରେ ରହିଥିଲେ । ୫ଜଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି । ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ତରଫରୁ ଚାଲିଥିବା ଉଦ୍ଧାର କାର୍ଯ୍ୟ ଆଜି ଶେଷ ହୋଇଛି । ଘଟଣାସ୍ଥଳରେ ଗଦା ହୋଇଥିବା କୋଠାର ଭଗ୍ନାବଶେଷ ସଫା କରାଯାଇଛି ।

# ଇଞ୍ଜିନିୟର୍ସ ଦିବସ

ସମଗ୍ର ଦେଶରେ ଆଜି ଇଞ୍ଜିନିୟର୍ସ ଦିବସ ପାଳନ କରାଯାଉଛି । ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ ଅବସରରେ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖକୁ ଇଞ୍ଜିନିୟର୍ସ ଦିବସ ଭାବେ ପାଳନ କରାଯାଇଥାଏ । ସାର୍ ବିଶ୍ୱେଶ୍ୱରାୟା ତାଙ୍କର ନିଷ୍ଠା, କାର୍ଯ୍ୟଦକ୍ଷତା, ସାଧୁତା, କାର୍ଯ୍ୟକୁଶଳତା ଏବଂ ସମୟାନୁବର୍ତ୍ତିତା ପାଇଁ ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ । ୧୮୬୧ ମସିହା ସେପ୍ଟେମ୍ବର ୧୫

ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀ ବିଶ୍ୱେଶ୍ୱରାୟ ୧୯୬୨ ମସିହା ଏପ୍ରିଲ ୧୪ ତାରିଖରେ ୧୦୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ । ଦେଶରେ ବ୍ରିଟିଶ ଶାସନ ସମୟରେ ରାଜା ପଞ୍ଚମ ଜର୍ଜ୍ ତାଙ୍କର ବୁଦ୍ଧିମତା, କାର୍ଯ୍ୟକୁଶଳତା ଏବଂ ସମାଜ ପ୍ରତି ଅବଦାନ ପାଇଁ ନାଇଟ୍ କମାଣ୍ଡର ଉପାଧିରେ ଭୂଷିତ କରିଥିଲେ । ୧୯୫୫ ମସିହାରେ ଭାରତ ସରକାର ତାଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ କରିଥିଲେ ।

ଏହି ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ଇଞ୍ଜିନିୟରଙ୍କ ବଳିଷ୍ଠ ଭୂମିକାକୁ ପ୍ରଶଂସା କରିଛନ୍ତି । ସାର୍ ବିଶ୍ୱେଶ୍ୱରାୟଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଜୀବନାଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଉଚିତ୍ ବୋଲି କହିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମରେ ସାର୍ ବିଶ୍ୱେଶ୍ୱରାୟଙ୍କ ସ୍ମୃତିଚାରଣ କରିଛନ୍ତି ।

## ମହାରାଷ୍ଟ୍ର ରୋଡ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଧୁଳେ ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ହେବା ସହ ୪ଜଣ ଆହତ ହୋଇଛନ୍ତି । ଏକ ଯାତ୍ରୀବାହୀ ଗାଡ଼ି ଏବଂ

ଗୋଟିଏ ଭ୍ୟାନ୍ ଆଜି ସକାଳୁ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି । ଆହତଙ୍କୁ ଧୁଳେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରୁଛି । ତେବେ ମୃତକଙ୍କର ଚିହ୍ନଟ କାର୍ଯ୍ୟ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି ।

## ଦୁବାଇ-ଇଣ୍ଡିଆନ ଓ୍ୱେମେନ ଆଓ୍ୱାର୍ଡ

ଦୁବାଇଠାରେ ଗତକାଲି ଭାରତୀୟ ମହିଳା ଦୁବାଇ ପୁରସ୍କାର ୨୦୨୪ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂଯୁକ୍ତ ଆରବ ଏମିରେଟ୍ସରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଭାରତୀୟ ମହିଳାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି । ପାମ୍ ଜୁମେରାସ୍ଥିତ ତାଜ୍ ଏକ୍ସପୋଟିକାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଶକ୍ତିକରଣ, ସ୍ଥିରତା ଏବଂ ଏକତା କ୍ଷେତ୍ରରେ ମହିଳାଙ୍କର ଯୋଗଦାନକୁ ଦର୍ଶାଯାଇଥିଲା । ବୈଷୟିକ ଜ୍ଞାନକୌଶଳ, ଉଦ୍ୟୋଗ, ସ୍ୱାସ୍ଥ୍ୟସେବା, କଳା ଆଦି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ମହିଳାଙ୍କୁ ୩୦ରୁ ଅଧିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମ୍ମିଳନୀରେ ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ ସୁଧୀରଙ୍କ ପତ୍ନୀ ବନ୍ଦନା ସୁଧୀର ଏବଂ ହିନ୍ଦୀ ଚଳଚ୍ଚିତ୍ର ତାରକା  ସମୀରା ରେଡ୍ଡୀ ଉଦ୍‌ବୋଧନ ଦେଇଥିଲେ । ଏକ ଫ୍ୟାସନ ଶୋ'ର ଆୟୋଜନ

ମଧ୍ୟ କରାଯାଇଥିଲା । ଦିବ୍ୟାଙ୍ଗ ଶିଶୁଙ୍କ ଦ୍ୱାରା ପ୍ରସ୍ତୁତ କଓ୍ୱାଲି ପରିବେଷଣ କରାଯାଇଥିଲା ।